# ବାହାପିଆ ମୁଖ୍ୟମନ୍ତ୍ରୀ ଉତ୍ତର ଦେବେ କି ?

୦୯/୧୧/୧୯୯୦

ରାଜନୀତିର ଜାତୀୟ ରଙ୍ଗମଞ୍ଚରେ ଐତିହାସିକ ନାଟକ ଅଭିନୀତ ହେଉଥିବା ବେଳେ ଆମ ଓଡ଼ିଶାରେ ଅନେକ କିଛି ଘଟିଯାଉଛି ଯାହା ସମସ୍ତଙ୍କର ଅଲକ୍ଷ୍ୟରେ ଘଟିଯାଉଛି ବୋଲି ଭାବି ଆମ ରାଜନୀତିର ଚରିତ୍ର ଅଭିନେତାମାନେ ଆଶ୍ୱସ୍ତ ହେଉଛନ୍ତି । ବାସ୍ତବରେ ଏହା ଆତ୍ମପ୍ରତାରଣା ଛଡ଼ା ଆଉ କିଛି ନୁହେଁ । ଆଜି କିନ୍ତୁ ଆମକୁ ଗୋଟିଏ ପ୍ରଶ୍ନ ସବୁଠାରୁ ବେଶି ଆନ୍ଦୋଳିତ କରୁଛି । ଆମ କୁହାଳିଆ ଓ ବାହାପିଆ ମୁଖ୍ୟମନ୍ତ୍ରୀ ବର୍ତ୍ତମାନ କେଉଁଠି ? ଗତ ସପ୍ତାହରେ କଦବା କେବେ ବେଳେ ଦୂରଦର୍ଶନର ସମ୍ବାଦ ପ୍ରଚାର ସମୟରେ ଆମ ମୁଖ୍ୟମନ୍ତ୍ରୀଙ୍କର ଦମ୍ଭୋକ୍ତି ପ୍ରକାଶ କରୁଥିବାର ଦୃଶ୍ୟ ଦେଖିବାକୁ ପାଉଥିଲୁ । ତାଙ୍କୁ ଦେଖି ସେ ଦିଲ୍ଲୀରେ ରହି କରାମତି ଦେଖାଉଛନ୍ତି ବୋଲି ଆମେ ଅନେକ ଓଡ଼ିଆ ମନେକରୁଥିଲୁ ଏବଂ ନିଜକୁ ବୁଝାଉଥିଲୁ । ଦୁଇ ତିନି ଦିନ ହେବ ତାଙ୍କର କାହିଁକି ଆଉ ଆଦୌ ଦେଖାନାହିଁ । ହଠାତ୍ ଆଜି ଦୈନିକ ଖବର କାଗଜଗୁଡ଼ିକର ପ୍ରଥମ ପୃଷ୍ଠାରେ ତାଙ୍କର ଫଟୋଚିତ୍ର ଓ ଆତୁର ନିବେଦନ ଦେଖିବାକୁ ପାଇଲୁ । ଓଡ଼ିଶାର ହଜାର ହଜାର ଆବାଳବୃଦ୍ଧ ବନିତା ବନ୍ୟା ପ୍ରକୋପ ଯୋଗୁ ଅତ୍ୟନ୍ତ ଦୁଃଖକଷ୍ଟରେ ପଡ଼ି ରହିଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀର ଓଡ଼ିଶା ଭବନର ସୁଶୀତଳ ସ୍ୱଚ୍ଛନ୍ଦ୍ୟଭରା କୋଠରୀରୁ ଓଡ଼ିଶାବାସୀଙ୍କଠାରେ ଦାନ ଭିକ୍ଷା କରିଛନ୍ତି । ଏହାଠାରୁ ବଳି ଲଜ୍ଜାଜନକ ପରିସ୍ଥିତି ଆଉ କ'ଣ ହୋଇପାରେ ?

ବନ୍ୟା, ବାତ୍ୟା ଏବଂ ମରୁଡ଼ି ଓଡ଼ିଶାର ଜନଜୀବନକୁ ଆବହମାନ କାଳରୁ ପ୍ରଭାବିତ କରିଆସିଅଛି । ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କର ସ୍ମୃତି ମଧ୍ୟ ଓଡ଼ିଶାରେ ବନ୍ୟା ପ୍ରକୋପ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ନିକଟ ଅତୀତରେ ବାତ୍ୟା ଏବଂ ବନ୍ୟା ଓଡ଼ିଶାର ଜନଜୀବନ, ଅର୍ଥନୀତି ଏବଂ ସବୁକିଛିକୁ ଗଭୀର ଭାବରେ ପ୍ରଭାବିତ କରିଛି । ସ୍ୱାଧୀନୋତ୍ତର ଓଡ଼ିଶାରେ ଦଳେଇଘାଇ ଭାଙ୍ଗିବା ପରଠାରୁ ସତୁରୀ ଦଶକର ବାତ୍ୟା ଏବଂ ଅଶୀଦଶକରେ ବାରମ୍ବାର ବନ୍ୟା ଓ ବାତ୍ୟା ଓଡ଼ିଶାର ଦରିଦ୍ର ଜନସାଧାରଣଙ୍କୁ ବରାବର ଆଘାତ ଦେଇଆସିଛି । ୧୯୮୨ ମସିହାରେ ଜାତୀୟ ରାଜପଥ ଯେ କେବଳ କ୍ଷତିଗ୍ରସ୍ତ

## ଆମଘରର ହାଲ୍‌ଚାଲ୍

ସୌମ୍ୟ ରଂଜନ ପଟ୍ଟନାୟକ

ହୋଇଥିଲା ତା'ନୁହେଁ, ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ରାଜଧାନୀ ଭୁବନେଶ୍ୱରଠାରୁ ଅନେକ ଦିନ ଧରି ବିଚ୍ଛିନ୍ନ ହୋଇପଡ଼ିଥିଲା । ଆଜି ସେହିପରି ଗଂଜାମ ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶା ଲଘୁଚାପ ଓ ଅଦିନମେଘ ପ୍ରଭାବରେ ସମଗ୍ର ଓଡ଼ିଶାରୁ ବିଚ୍ଛିନ୍ନ ହୋଇଯାଇଛି । ଲକ୍ଷ ଲକ୍ଷ ଲୋକ ନିରାଶ୍ରୟ ହୋଇ ପଡ଼ିଛନ୍ତି । ହଜାର ହଜାର ଏକରର ଫଳନ୍ତି ଫସଲ ଉପରେ ପାଣିମାଡ଼ି ଯାଇଛି ତ ସହସ୍ରାଧିକ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । କେତେ ଲୋକଙ୍କର ପ୍ରାଣହାନି ଘଟିଛି ସେ ବିଷୟରେ ସଠିକ୍ ତଥ୍ୟ ମିଳି ନ ଥିଲେ ମଧ୍ୟ ଭାସିଯାଉଥିବା ଭଙ୍ଗା କାଠ ଆଲମାରୀକୁ ଆଶ୍ରୟ କରି ଲାଗି ରହିଥିବା ପରିବାରଟିର ସଲିଳ ସମାଧି ପରି ଅତ୍ୟନ୍ତ ମର୍ମନ୍ତୁଦ ଏବଂ ହୃଦୟବିଦାରକ ସମ୍ବାଦମାନ ଆସି ପହଞ୍ଚିବାରେ ଲାଗିଛି ।

ଓଡ଼ିଶାର ଭାବଗତ ଏକତା ପାଇଁ ଏକ ନୂତନ ଆନ୍ଦୋଳନର ଆବଶ୍ୟକତା କଥା କୁହାଯାଉଥିଲା ବେଳେ ଦକ୍ଷିଣ ଓଡ଼ିଶା ଏପରି ବିଚ୍ଛିନ୍ନ ହୋଇଯିବା ପ୍ରକୃତିର କ୍ରୁର ପରିହାସ ଭିନ୍ନ ଆଉ କ'ଣ ହୋଇପାରେ ? ସରକାରଙ୍କର ଅବହେଳା ଏବଂ ଆମ ମୁଖ୍ୟମନ୍ତ୍ରୀଙ୍କର ବେଖାତିର ମନୋଭାବ କଟା ଘାଆରେ ଚୂନ ସଦୃଶ ହୋଇଛି । ବିଶେଷଭାବରେ ଦକ୍ଷିଣ ଓଡ଼ିଶାର ଉପାନ୍ତ ଅଞ୍ଚଳ ଗୁଡ଼ିକରେ ପଡ଼ୋଶୀ ରାଜ୍ୟର ସାଂସ୍କୃତିକ ଅନୁପ୍ରବେଶ ଆମର ଭାଷା ଏବଂ ଜାତୀୟ ଚେତନାକୁ ସଙ୍କୁଚିତ କରୁଛି ବୋଲି ଅଭିଯୋଗ ହେଉଥିଲା ବେଳେ ସରକାରଙ୍କର ଉଦାସୀନତା ଭବିଷ୍ୟତରେ ଏ ପ୍ରକାର ଅନୁପ୍ରବେଶକୁ ଅଧିକ ଉତ୍ସାହିତ କରିବ ସିନା, ଓଡ଼ିଶାର ଭାବଗତ ଏକତା ଆଦୌ ସମ୍ଭବ ହେବ ନାହିଁ । ଏପରି ପରିସ୍ଥିତିରେ ଆମ ମୁଖ୍ୟମନ୍ତ୍ରୀ କାଳବିଳମ୍ବ ନ କରି ଭୁବନେଶ୍ୱର ଫେରି ଆସି ପରିସ୍ଥିତିକୁ ସମ୍ଭାଳିବେ କ'ଣ ଦିଲ୍ଲୀର ଘୋଡ଼ା ବେପାର ବୁଝିବାରୁ ତାଙ୍କୁ ଫୁରୁସତ୍ ମିଳୁନାହିଁ ।

ଓଡ଼ିଶାରୁ ଦୁର୍ନୀତିର ମୂଳୋତ୍ପାଟନ କରି, ସବୁ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ସଂପତ୍ତି ବାଜ୍ୟାପ୍ତ କରି, ଗୋଟିଏ ନୁହେଁ ଦୁଇଟି ଇସ୍ପାତ କାରଖାନା ପ୍ରତିଷ୍ଠା କରି ନୂଆ ଓଡ଼ିଶା ଗଢ଼ିବାର ଯେଉଁ ସ୍ୱପ୍ନ ଆମ ମୁଖ୍ୟମନ୍ତ୍ରୀ ଦେଖୁଥିଲେ ଏବଂ ଆମ ସମସ୍ତଙ୍କୁ ଦେଖେଇ ଐତିହାସିକ ଜନସମର୍ଥନ ହାସଲ କରିଥିଲେ, ଏହା କ'ଣ ତାର ପ୍ରକୃତ ସ୍ୱରୂପ ? ସେ କାହିଁକି ଦିଲ୍ଲୀ ଯାଇଛନ୍ତି ଏବଂ ଏତେ ଦିନ ଯାଏଁ ସେଠାରେ କ'ଣ କରୁଛନ୍ତି ? - ତାଙ୍କୁ ଅକୁଣ୍ଠ ଚିତ୍ତରେ ସମର୍ଥନ କରିଥିବା ଓଡ଼ିଶାର ଜନସାଧାରଣଙ୍କର ଏହାର ଉତ୍ତର ଜାଣିବାର କ'ଣ କୌଣସି ଅଧିକାର ନାହିଁ ? ସେ କାହିଁକି ଦିଲ୍ଲୀ ଯାଇଛନ୍ତି ? ବିଶ୍ୱନାଥ ପ୍ରତାପ ସିଂହଙ୍କର ସରକାରକୁ ବଞ୍ଚେଇବାକୁ ଯାଇ ଯଦି ସେ ସେଠାରେ ଆଜି ପର୍ଯ୍ୟନ୍ତ ଡେରା ପକେଇ ବସିଥିଲେ, ତେବେ ବର୍ତ୍ତମାନ ତାଙ୍କର ବକ୍ତବ୍ୟ ଓ କର୍ତ୍ତବ୍ୟ କ'ଣ ? କେନ୍ଦ୍ରରେ ଘଟିଯାଉଥିବା ଘଟଣାଗୁଡ଼ିକର କୌଣସି ପ୍ରଭାବ ଓଡ଼ିଶା ରାଜନୀତି ଉପରେ ପଡ଼ିବ ନାହିଁ ବୋଲି ଓଲଟା ସଫେଇ ଦେଉଛନ୍ତି । ଓଡ଼ିଶାରେ ଯଦି ତାଙ୍କର ରାଜନୀତି ଏବଂ ବ୍ୟକ୍ତିତ୍ୱର କିଛି ସ୍ୱତନ୍ତ୍ର ମାନ୍ୟତା ଅଛି ବୋଲି ସେ ବିଶ୍ୱାସ କରୁଥାଆନ୍ତି, ତା'ହେଲେ ସେ ଦିଲ୍ଲୀରେ ଆଜି ପର୍ଯ୍ୟନ୍ତ କାହିଁକି ଅଛନ୍ତି ଏବଂ କ'ଣ କରୁଛନ୍ତି ? ମୁଖ୍ୟମନ୍ତ୍ରୀ ପଦ ସମ୍ଭାଳିବା ଦିନଠାରୁ ସେ କେତେ ଦିନ ଦିଲ୍ଲୀରେ ରହିଛନ୍ତି ଏବଂ କେତେ ଦିନ ଓଡ଼ିଶାରେ କଟେଇଛନ୍ତି ଏବଂ ତାଙ୍କ ଦିଲ୍ଲୀ ରହଣିକାଳ ମଧ୍ୟରେ ସେ ଓଡ଼ିଶାର ପ୍ରଗତି ପାଇଁ କ'ଣ ହାସଲ କରିପାରିଛନ୍ତି, ତାହାର ଗୋଟିଏ ହିସାବ ସେ ଦେବେ କି ? ସଂଖ୍ୟାଧିକ ବିଧାୟକଙ୍କର ଏକଚାଟିଆ ସମର୍ଥନ ଅଛି ବୋଲି ଏ ପ୍ରଶ୍ନକୁ ଏଡ଼େଇ ଯିବା କେବଳ ଏକ ନିର୍ଲଜ୍ଜ ବାହାପିଆ ଚରିତ୍ରପକ୍ଷରେ ସମ୍ଭବ କିନ୍ତୁ, ଆମ ଗଣତନ୍ତ୍ର ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ।